# NATIONAL NEWS BULLETIN (ODIA)
## 15 October - 2024
## Evening Bulletin : 7.15 p.m.

********************************

## ମୁଖ୍ୟ ସମ୍ବାଦ

- ଭାରତର ବୃତ୍ତିଭିତ୍ତିକ କାର୍ଯ୍ୟକ୍ରମଗୁଡ଼ିକର ସୁଯୋଗ ନେବାକୁ ଆଲଜେରିଆ ସରକାର ଏବଂ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଲେ ରାଷ୍ଟ୍ରପତି ।
- ସରକାର ବର୍ତ୍ତମାନ ୬-ଜି ଟେକ୍ନୋଲୋଜି ଉପରେ କାର୍ଯ୍ୟ କରୁଛନ୍ତି; କହିଲେ ପ୍ରଧାନମନ୍ତ୍ରୀ ।
- ମହାରାଷ୍ଟ୍ର ଓ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ କାର୍ଯ୍ୟସୂଚୀ ଘୋଷିତ ।

– ମହାରାଷ୍ଟ୍ରରେ ଗୋଟିଏ ପର୍ଯ୍ୟାୟ ଏବଂ ଝାଡ଼ଖଣ୍ଡରେ ଦୁଇଟି ପର୍ଯ୍ୟାୟରେ ନିଆଯିବ ମତ ।

- ସ୍ୱାସ୍ଥ୍ୟ, କୃଷି ଏବଂ ସ୍ଥାୟୀ ସହର ବିକାଶ ଲକ୍ଷ୍ୟରେ ତିନୋଟି କୃତ୍ରିମ ବୁଦ୍ଧିମତା ଉତ୍କର୍ଷ କେନ୍ଦ୍ରର ଘୋଷଣା କଲେ ଶିକ୍ଷାମନ୍ତ୍ରୀ ।

ଏବଂ

- ଦେଶର ୨୩୪ଟି ନୂଆ ସହରରେ ୭୩୦ଟି ଘରୋଇ ରେଡିଓ ଚ୍ୟାନେଲ ଆରମ୍ଭ ନେଇ ଆବେଦନପତ୍ର ଆହ୍ୱାନ ।

## ରାଷ୍ଟ୍ରପତିଙ୍କୁ ଡକ୍ଟରେଟ୍ ଉପାଧି

ଆଲଜେରିଆ ଗସ୍ତରେ ଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଆଜି ସିଦ୍ଧି ଅବଦେଲା ସାଇନ୍ସ ଏବଂ ଟେକ୍ନୋଲୋଜି ପୋଲେ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଛି । ଆଲଜେରିଆର ଉଚ୍ଚଶିକ୍ଷା ଓ ବୈଜ୍ଞାନିକ ଗବେଷଣା ମନ୍ତ୍ରୀ କମଲ ବଦ୍ଦାରି ରାଷ୍ଟ୍ରପତି ମୁର୍ମୁଙ୍କୁ ଏହି ଉପାଧି ପ୍ରଦାନ କରିଛନ୍ତି । ଆୟୋଜିତ ସମାରୋହରେ ଉଦ୍‌ବୋଧନ ଦେଇ ରାଷ୍ଟ୍ରପତି କହିଛନ୍ତି, ଶିକ୍ଷା ଅସମାନତାକୁ ଦୂର କରିବା ସହିତ ସମସ୍ତଙ୍କ ପାଇଁ ସମାନ ସୁଯୋଗକୁ ପ୍ରୋତ୍ସାହନ ପ୍ରଦାନ କରିଥାଏ । ଭାରତ ଆଇ.ଟି.ଇ.ସି. ଏବଂ ଅନ୍ୟାନ୍ୟ ବୃତ୍ତିଭିତ୍ତିକ କାର୍ଯ୍ୟକ୍ରମର ସୁଯୋଗ ନେବାକୁ ରାଷ୍ଟ୍ରପତି ଆଲଜେରିଆ ସରକାର ଏବଂ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଛନ୍ତି । ଉଭୟ ଦେଶର ଯୁବବର୍ଗଙ୍କ ମାଧ୍ୟମରେ ଦ୍ୱିପାକ୍ଷିକ ସମ୍ପର୍କ ଅଧିକ ସୁଦୃଢ଼ ହୋଇପାରିବ ବୋଲି ରାଷ୍ଟ୍ରପତି କହିଛନ୍ତି । ରାଷ୍ଟ୍ରପତି ସେଠାରେ ସମୁଦ୍ର ଜଳ ନିଷ୍କାସନ ପ୍ରକଳ୍ପ ପରିଦର୍ଶନ କରିବା ସହିତ ରୋମାନ୍ ଭଗ୍ନାବଶେଷ ଏବଂ ସମାଧିପୀଠ ଓ ହାମ୍ମାଗାର୍ଡେନ ଗସ୍ତ କରିବାର କାର୍ଯ୍ୟସୂଚୀ ରହିଛି । ଆଲଜେରିଆ ଗସ୍ତ ଶେଷ କରି ରାଷ୍ଟ୍ରପତି ଆସନ୍ତାକାଲି ଅନ୍ୟତମ ଆଫ୍ରିକୀୟ ରାଷ୍ଟ୍ର ମୌରିଟାନିଆ ଗସ୍ତ କରିବେ ।

# ପିଏମ୍‌-ଆଇଟିୟୁ ଡବ୍ଲ୍ୟୁଟିଏସ୍‌ଏ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୁରକ୍ଷା, ସମ୍ମାନ ଏବଂ ସମାନତାର ସହିତ କୃତ୍ରିମ ବୁଦ୍ଧିମତାର ନୈତିକ ବ୍ୟବହାର ପାଇଁ ଆହ୍ୱାନ ଦେଇଛନ୍ତି। ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଆଜି ଆନ୍ତର୍ଜାତିକ ଟେଲିକମ୍ୟୁନିକେଶନ ୟୁନିଅନ୍‌ର ୱାର୍ଲଡ ଟେଲିକମ୍ୟୁନିକେଶନ ଷ୍ଟାଣ୍ଡାର୍ଡାଇଜେସନ୍ ସମ୍ମିଳନୀ-ଡବ୍ଲ୍ୟୁ.ଟି.ଏସ୍.ଏ କୁ ଉଦ୍‌ଘାଟନ କରିବା ଅବସରରେ ପ୍ରଧାନମନ୍ତ୍ରୀ ଏହା କହିଛନ୍ତି। ଡିଜିଟାଲ ପ୍ରଯୁକ୍ତିବିଦ୍ୟା ପାଇଁ ଏକ ବିଶ୍ୱସ୍ତରୀୟ ନୀତି ପ୍ରସ୍ତୁତ ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ପ୍ରଦାନ କରିଛନ୍ତି। ସେ କହିଛନ୍ତି, ଡବ୍ଲ୍ୟୁ.ଟି.ଏସ୍.ଏ. ବିଶ୍ୱସ୍ତରୀୟ ମାନଦଣ୍ଡ ଉପରେ କାର୍ଯ୍ୟ କରିବାକୁ ଲକ୍ଷ୍ୟ ରଖିଥିବା ବେଳେ ଭାରତ ମୋବାଇଲ ସେବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଟେଲିକମ୍ ଏବଂ ଆନୁଷଙ୍ଗିକ ଜ୍ଞାନକୌଶଳ ଦୃଷ୍ଟିରୁ ଭାରତ ବିଶ୍ୱର ସବୁଠାରୁ ଗତିଶୀଳ ଦେଶଗୁଡ଼ିକ ମଧ୍ୟରେ ଅନ୍ୟତମ ସ୍ଥାନ ଅଧିକାର କରିଛି। ଭାରତରେ ୧୨୦ କୋଟି ମୋବାଇଲ ଫୋନ୍ ବ୍ୟବହାରକାରୀ, ୯୫ କୋଟି ଇଣ୍ଟରନେଟ୍ ବ୍ୟବହାରୀ ଥିବାବେଳେ ବିଶ୍ୱର ୪୦ ପ୍ରତିଶତରୁ ଅଧିକ ରିଅଲଟାଇମ୍ ଡିଜିଟାଲ କାରବାର ଭାରତରେ ହେଉଛି ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ଭାରତର ଡିଜିଟାଲ କ୍ଷେତ୍ର ୪ଟି ସ୍ତମ୍ଭ ଶସ୍ତା ଉପକରଣ, ସବୁକ୍ଷେତ୍ରକୁ ସଂଯୋଗ,

ସୁଲଭ ମୂଲ୍ୟରେ ଡାଟା ଏବଂ ଡିଜିଟାଲ ପ୍ରଥମ ଉପରେ ଆଧାରିତ। ଭାରତ ବିଶ୍ୱର ବୃହତ୍ତମ ୫-ଜି ବଜାରରେ ପରିଣତ ହୋଇଛି। ସରକାର ବର୍ତ୍ତମାନ ୬-ଜି ଟେକ୍ନୋଲୋଜି ଉପରେ କାର୍ଯ୍ୟ କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ ସୂଚନା ଦେଇଛନ୍ତି। ଦେଶର ପ୍ରାୟ ପ୍ରତ୍ୟେକ ଜିଲ୍ଲା ୫-ଜି ନେଟ୍‌ୱର୍କ ସହିତ ସଂଯୁକ୍ତ ହୋଇଛି। ଭାରତରେ ଏବେ ୨୦୦ରୁ ଅଧିକ ମୋବାଇଲ ଉତ୍ପାଦନ ୟୁନିଟ୍ କାର୍ଯ୍ୟ କରୁଛି। ଡ୍ରୋନ୍ ବ୍ୟବହାର ମାଧ୍ୟମରେ କୃଷିକ୍ଷେତ୍ରରେ ବୈପ୍ଲବିକ ପରିବର୍ତ୍ତନ ଅଣାଯିବା ସହ ସରକାରଙ୍କ ନମୋ ଡ୍ରୋନ୍ ଦିଦି ପଦକ୍ଷେପ ଉପରେ ପ୍ରଧାନମନ୍ତ୍ରୀ ଆଲୋକପାତ କରିଛନ୍ତି। ଭାରତ ଏବଂ ଏସୀୟ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ପ୍ରଥମ ଥର ପାଇଁ ଏଭଳି ସମ୍ମିଳନୀର ଆୟୋଜନ କରାଯାଇଛି। ଏହି ସମ୍ମିଳନୀ ଆଗାମୀ ପିଢ଼ିର ଗୁରୁତ୍ୱପୂର୍ଣ୍ଣ ବୈଷୟିକ କ୍ଷେତ୍ର ଉପରେ ଆଲୋଚନା ଓ ନିଷ୍ପତ୍ତି ନେବା ପାଇଁ ଅଂଶଗ୍ରହଣକାରୀ ଦେଶଗୁଡ଼ିକୁ ଏକ ପ୍ଲାଟଫର୍ମ ପ୍ରଦାନ କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଏଥିରେ ଯୋଗଦେଇ ଯୋଗାଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ କହିଛନ୍ତି, ପୂର୍ବରୁ ଟେଲିକମ୍ କ୍ଷେତ୍ର କେବଳ ଲୋକଙ୍କୁ ପରସ୍ପର ସହ ଯୋଡ଼ିବା ଏକ ମାଧ୍ୟମର ରହିଥିଲା କିନ୍ତୁ ଏବେ ଏହା ଦେଶର ଅଭିବୃଦ୍ଧି ଏବଂ ବିକାଶ ସହିତ ଯୋଡ଼ି ହୋଇଛି। ଭାରତ ୬-ଜି ଟେକ୍ନୋଲୋଜିର

ବିକାଶରେ ବିଶ୍ୱ ନେତୃତ୍ୱ ନେବାକୁ ପ୍ରସ୍ତୁତ ଅଛି ବୋଲି ଶ୍ରୀ ସିନ୍ଧିଆ କହିଛନ୍ତି।

## ଇସିଆଇ-ପୋଲ୍ ସିଡ୍ୟୁଲ

ମହାରାଷ୍ଟ୍ର ଏବଂ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ କାର୍ଯ୍ୟସୂଚୀ ଘୋଷିତ ହୋଇଛି। ନୂଆଦିଲ୍ଲୀଠାରେ ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର କହିଛନ୍ତି, ମହାରାଷ୍ଟ୍ରରେ ଆସନ୍ତା ମାସ ୨୦ ତାରିଖ ଦିନ ଗୋଟିଏ ପର୍ଯ୍ୟାୟରେ ମତଗ୍ରହଣ କରାଯିବ। ଝାଡ଼ଖଣ୍ଡରେ ଆସନ୍ତା ମାସ ୧୩ ଏବଂ ୨୦ ତାରିଖରେ ଦୁଇଟି ପର୍ଯ୍ୟାୟରେ ମତ ନିଆଯିବ। ୨୮୮ ସଦସ୍ୟ ବିଶିଷ୍ଟ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପାଇଁ ଆସନ୍ତା ୨୨ ତାରିଖରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବ। ୨୯ ତାରିଖକୁ ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ଘୋଷଣା କରାଯାଇଛି। ଶ୍ରୀ କୁମାର କହିଛନ୍ତି, ମହାରାଷ୍ଟ୍ରରେ ପ୍ରାୟ ୯ କୋଟି ୬୩ ଲକ୍ଷରୁ ଅଧିକ ଭୋଟରଙ୍କ ପାଇଁ ୧ ଲକ୍ଷରୁ ଊର୍ଦ୍ଧ୍ୱ ମତଦାନ କେନ୍ଦ୍ର ସ୍ଥାପନ କରାଯିବ।

ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ସମ୍ପର୍କରେ ଶ୍ରୀ କୁମାର କହିଛନ୍ତି, ପ୍ରଥମ ପର୍ଯ୍ୟାୟ ପାଇଁ ଆସନ୍ତା ୧୮ ତାରିଖରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବ। ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ୨୫ ତାରିଖକୁ ଧାର୍ଯ୍ୟ କରାଯାଇଛି। ଦ୍ୱିତୀୟ ପର୍ଯ୍ୟାୟ ପାଇଁ ୨୨ ତାରିଖରେ ବିଜ୍ଞପ୍ତି ପ୍ରକାଶ ସହ ୨୯ ତାରିଖ ସୁଦ୍ଧା ନାମାଙ୍କନପତ୍ର ଦାଖଲ ପାଇଁ ସମୟସୀମା ଧାର୍ଯ୍ୟ

କରାଯାଇଛି। ଝାଡ଼ଖଣ୍ଡର ପ୍ରାୟ ୨ କୋଟି ୬୦ ଲକ୍ଷ ଭୋଟରଙ୍କ ପାଇଁ ୨୬ ହଜାରରୁ ଊର୍ଦ୍ଧ୍ୱ ମତଦାନ କେନ୍ଦ୍ର ସ୍ଥାପନ କରାଯିବ ବୋଲି ଶ୍ରୀ କୁମାର କହିଛନ୍ତି। ଏଥିସହ ମହାରାଷ୍ଟ୍ର ଏବଂ ଝାଡ଼ଖଣ୍ଡରେ ନିର୍ବାଚନ ଆଚରଣବିଧି ଲାଗୁ ହୋଇଛି। ଶ୍ରୀ କୁମାର ଅନ୍ୟ କେତୋଟି ରାଜ୍ୟର ବିଧାନସଭା ଏବଂ ଦୁଇଟି ଲୋକସଭା ଆସନ ପାଇଁ ଉପନିର୍ବାଚନ ତାରିଖ ମଧ୍ୟ ଘୋଷଣା କରିଛନ୍ତି। ବିଭିନ୍ନ ରାଜ୍ୟର ୪୭ଟି ବିଧାନସଭା ଆସନ ଏବଂ ୱାଇନାଡ଼ ସଂସଦୀୟ କ୍ଷେତ୍ର ପାଇଁ ଆସନ୍ତା ମାସ ୧୩ ତାରିଖରେ ଉପନିର୍ବାଚନ ଅନୁଷ୍ଠିତ ହେବ। ଉତ୍ତରାଖଣ୍ଡର ଗୋଟିଏ ବିଧାନସଭା ଆସନ ଏବଂ ମହାରାଷ୍ଟ୍ରର ନାନ୍ଦେଡ଼ ଲୋକସଭା ଆସନ ପାଇଁ ଆସନ୍ତା ମାସ ୨୦ ତାରିଖରେ ଉପନିର୍ବାଚନ ଅନୁଷ୍ଠିତ ହେବ ବୋଲି ଶ୍ରୀ କୁମାର ଘୋଷଣା କରିଛନ୍ତି। ଆସନ୍ତା ମାସ ୨୩ ତାରିଖରେ ଭୋଟ ଗଣତି ସହ ଫଳାଫଳ ଘୋଷଣା କରାଯିବ ବୋଲି ଶ୍ରୀ କୁମାର କହିଛନ୍ତି।

## ପ୍ରଧାନ-ସିଓଇ

ସ୍ୱାସ୍ଥ୍ୟ, କୃଷି ଏବଂ ସ୍ଥାୟୀ ସହର ବିକାଶ ଲକ୍ଷ୍ୟରେ ତିନୋଟି କୃତ୍ରିମ ବୁଦ୍ଧିମତା ଉତ୍କର୍ଷ କେନ୍ଦ୍ରର ଆଜି ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଘୋଷଣା କରିଛନ୍ତି। ନୂଆଦିଲ୍ଲୀଠାରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି, ଗବେଷଣା, ଉଦ୍ଭାବନ ଏବଂ ଅର୍ଥନୀତିକୁ ପ୍ରୋତ୍ସାହିତ କରିବା ଏବଂ ଜନକଲ୍ୟାଣ କାର୍ଯ୍ୟକ୍ରମଗୁଡ଼ିକର ସଫଳ ରୂପାୟନ ଦିଗରେ ଏହି କେନ୍ଦ୍ରଗୁଡ଼ିକ ପ୍ରମୁଖ ଭୂମିକା ଗ୍ରହଣ କରିବ। ଦିଲ୍ଲୀ ଏମ୍ସ, ଆଇଆଇଟି

ରୋପର୍ ଏବଂ ଆଇଆଇଟି କାନପୁରରେ ଏହି କେନ୍ଦ୍ରଗୁଡ଼ିକ ପ୍ରତିଷ୍ଠା କରାଯିବ। ଦିଲ୍ଲୀ ଏମ୍ସରେ ପ୍ରତିଷ୍ଠିତ ହେବାକୁ କେନ୍ଦ୍ର ଦିଲ୍ଲୀ ଆଇ.ଆଇ.ଟି ସହିତ ମିଳିତ ଭାବେ ସ୍ୱାସ୍ଥ୍ୟକ୍ଷେତ୍ର ପାଇଁ କାର୍ଯ୍ୟ କରିବ। ଆଇ.ଆଇ.ଟି. ରୋପର୍ କେନ୍ଦ୍ର କୃଷି କ୍ଷେତ୍ର ପାଇଁ ଏବଂ ଆଇ.ଆଇ.ଟି. କାନପୁର କେନ୍ଦ୍ର ସ୍ଥାୟୀ ସହର ବିକାଶ କ୍ଷେତ୍ରରେ କାର୍ଯ୍ୟ କରିବ ବୋଲି ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି। ସେ କହିଛନ୍ତି, ୧୦ ବର୍ଷ ପରେ ବିଶ୍ୱ ପାଇଁ ଏକ ସମାଧାନ ପ୍ରଦାନକାରୀଭାବେ ଏହି କେନ୍ଦ୍ରଗୁଡ଼ିକ କାର୍ଯ୍ୟ କରିବ। କୃତ୍ରିମ ବୁଦ୍ଧିମତା କ୍ଷେତ୍ରର ବିକାଶ ପାଇଁ ଗତ ୨୦୨୩-୨୪ ବଜେଟ୍‌ରେ ଏହି କେନ୍ଦ୍ରଗୁଡ଼ିକ ପ୍ରତିଷ୍ଠା ନେଇ ଘୋଷଣା କରାଯାଇଥିଲା ବୋଲି ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି।

## ଜୟଶଙ୍କର-ପାକିସ୍ତାନ ଗସ୍ତ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ଦୁଇ ଦିନିଆ ପାକିସ୍ତାନ ଗସ୍ତରେ ଯାଇ ଆଜି ଅପରାହ୍ନରେ ଇସଲାମାବାଦରେ ପହଁଞ୍ଚିଛନ୍ତି। ସାଂଘାଇ ସହଯୋଗ ସଂଗଠନ ପରିଷଦର ୨୩ତମ ବୈଠକରେ ଡକ୍ଟର ଜୟଶଙ୍କର ଯୋଗଦେବେ। ପାକିସ୍ତାନ ଅଧ୍ୟକ୍ଷତାରେ ଆସନ୍ତାକାଲି ଏହି ବୈଠକ ବସିବ। ପ୍ରତିବର୍ଷ ଅନୁଷ୍ଠିତ ହେଉଥିବା ଏହି ବୈଠକରେ ବାଣିଜ୍ୟ ଏବଂ ଅର୍ଥନୈତିକ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥାଏ। ଗସ୍ତ ଅବସରରେ ପାକିସ୍ତାନ ସହ ଦ୍ୱିପାକ୍ଷିକ ଆଲୋଚନାକୁ

ପୂର୍ବରୁ ଡକ୍ଟର ଜୟଶଙ୍କର ପ୍ରତ୍ୟାଖ୍ୟାନ କରିବା ସହିତ ଏହା ଏକ ବହୁପକ୍ଷୀୟ କାର୍ଯ୍ୟକ୍ରମ ବୋଲି କହିଥିଲେ ।

## ଇଣ୍ଡିଆ-ୟୁଏସ୍ ଡ୍ରୋନ୍

ଦେଶର ପ୍ରତିରକ୍ଷା କ୍ଷେତ୍ରକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ଆମେରିକାଠାରୁ ଡ୍ରୋନ୍ କିଣିବା ପାଇଁ ଭାରତ ଚୁକ୍ତି ସ୍ୱାକ୍ଷରିତ କରିଛି । ଏହି ଚୁକ୍ତି ଆଧାରରେ ଭାରତ' ଆମେରିକାଠାରୁ ୩୧ଟି ଏମ୍.କ୍ୟୁ.ନାଇନ୍-ବି ପ୍ରିଡେଟର ଡ୍ରୋନ୍ କ୍ରୟ କରିବ । ନୂଆଦିଲ୍ଲୀଠାରେ ଆଜି ପ୍ରତିରକ୍ଷା ମନ୍ତ୍ରଣାଳୟର ସଚିବ ଗିରିଧର ଅରମଣେଙ୍କ ଉପସ୍ଥିତିରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଛି । ଏହି ଡ୍ରୋନ୍‌ଗୁଡ଼ିକ ଦେଶର ପ୍ରତିରକ୍ଷା ବାହିନୀ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ପରବର୍ତ୍ତୀ ପିଢ଼ିର ପାଇଲଟ୍ ବିହୀନ ରିମୋଟ୍ ଆଧାରିତ ଏହି ଡ୍ରୋନ୍‌ଗୁଡ଼ିକ ଗୁଇନ୍ଦା, ନିରୀକ୍ଷଣ ଏବଂ ଅନୁସନ୍ଧାନ ଅଭିଯାନ ଚଳାଇବାରେ ବିଶେଷ ସହାୟକ ହେବ ବୋଲି ମନ୍ତ୍ରଣାଳୟ ସୂଚନା ଦେଇଛି ।

## ଏଫ୍.ଏମ୍.ରେଡିଓ- ଇଅକ୍ସନ

ଦେଶର ୨୩୪ଟି ନୂଆ ସହରରେ ୭୩୦ଟି ଘରୋଇ ରେଡିଓ ଚ୍ୟାନେଲ ଆରମ୍ଭ କରିବା ଲକ୍ଷ୍ୟରେ ଇ-ନିଲାମ ପ୍ରକ୍ରିୟା ଆରମ୍ଭ ହୋଇଛି । ଘରୋଇ ଏଫ୍.ଏମ୍.ରେଡିଓ ତୃତୀୟ ପର୍ଯ୍ୟାୟ ଚ୍ୟାନେଲର ତୃତୀୟ ବ୍ୟାଚ୍ ପାଇଁ ନିଲାମକାରୀଙ୍କ ଠାରୁ ଆବେଦନ ଆହ୍ୱାନ କରାଯାଇଛି । ଏ ସଂକ୍ରାନ୍ତ

ବିଜ୍ଞପ୍ତି ଆଜି ପ୍ରକାଶ ପାଇଛି। ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଏକ ବିବୃତିରେ କହିଛି, ଏହି ସହର ଗୁଡ଼ିକରେ ଏଫ୍.ଏମ୍. ଚ୍ୟାନେଲଗୁଡ଼ିକର ବାର୍ଷିକ ଲାଇସେନ୍ସ ଶୁଳ୍କ ବାବଦରେ ଜି.ଏସ୍.ଟି. ବ୍ୟତୀତ ମୋଟ୍ ରାଜସ୍ୱର ୪ ପ୍ରତିଶତ ଆଦାୟ କରାଯିବ। ୨୦୨୨ ଟ୍ରାଇ ସୁପାରିସ ଆଧାରରେ ଚ୍ୟାନେଲ ନିଲାମ ପାଇଁ ସଂରକ୍ଷିତ ମୂଲ୍ୟ ଧାର୍ଯ୍ୟ କରାଯାଇଛି। ଇଚ୍ଛୁକ ସଂସ୍ଥା ଆସନ୍ତା ମାସ ୧୮ ତାରିଖ ସୁଦ୍ଧା ଆବେଦନ କରିପାରିବେ ବୋଲି ବିଜ୍ଞପ୍ତିରେ କୁହାଯାଇଛି। ତେବେ ସମ୍ପୂର୍ଣ୍ଣ ବିବରଣୀ ଏବଂ ଏଫ୍.ଏମ୍. ତୃତୀୟ ପର୍ଯ୍ୟାୟ ନୀତି ନିର୍ଦ୍ଦେଶାବଳୀ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ୱେବସାଇଟ୍‌ରେ ଉପଲବ୍ଧ ରହିଛି। ସୂଚନାଯୋଗ୍ୟ, ଗତ ଅଗଷ୍ଟ ମାସରେ ୨୩୪ଟି ନୂଆ ସହରରେ ଘରୋଇ ଏଫ୍.ଏମ୍ ରେଡିଓ ଆରମ୍ଭ କରିବାକୁ କ୍ୟାବିନେଟ୍ ମଞ୍ଜୁରୀ ପ୍ରଦାନ କରିଥିଲା। ଭୋକାଲ ଫର୍ ଲୋକାଲ ପଦକ୍ଷେପ ଆଧାରରେ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି, ସ୍ଥାନୀୟ ଭାଷା ଓ ସଂସ୍କୃତିକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ଏହି ପଦକ୍ଷେପ ଗ୍ରହଣ କରାଯାଇଥିବା ଜଣାପଡ଼ିଛି।

# ଡେନ୍‌ମାର୍କ ଓପନ୍ ବ୍ୟାଡମିଣ୍ଟ

ଡେନମାର୍କ ଓପନ୍-୨୦୨୪ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଆଜି ମହିଳା ଏକକ ବର୍ଗରେ ପି.ଭି.ସିନ୍ଧୁ ଏବଂ ଚୀନ୍ ତାଇପେଇର ପାଇ ୟୁ ପୋଙ୍କ ମଧ୍ୟରେ ମୁକାବିଲା ହେବ। ମିଳିତ ବର୍ଗରେ ସତୀଶ କୁମାର

କରୁଣାକରନ ଏବଂ ଆଦ୍ୟା ଭରିୟାତଙ୍କ ଯୋଡ଼ି ଇଣ୍ଡୋନେସିଆ ଯୋଡ଼ିଙ୍କୁ ଭେଟିବେ।

ପୁରୁଷ ଏକକ ବର୍ଗରେ ଲକ୍ଷ୍ୟ ସେନ୍ ଚୀନ୍‌ର ଲୁ ଗୁଆଙ୍ଗ୍ ଜୁ'ଙ୍କଠାରୁ ହାରି ଯାଇଛନ୍ତି। ସେହିଭଳି ମହିଳା ଯୋଡ଼ି ବର୍ଗରେ ଋତୁପର୍ଣ୍ଣା ଏବଂ ଶ୍ୱେତପର୍ଣ୍ଣାଙ୍କ ଯୋଡ଼ି ଚୀନ୍ ତାଇପେଇର ଚାଙ୍ଗ୍ ଚିଙ୍ଗ୍ ହୁଇ ଏବଂ ୟାଙ୍ଗ୍ ଚୀନ୍ ତୁଙ୍ଗଙ୍କଠାରୁ ୧୮-୨୧ ଏବଂ ୨୨-୨୪ ସେଟ୍‌ରେ ପରାସ୍ତ ହୋଇଛନ୍ତି।